## ସଂକ୍ଷେପରେ

### କୁମାରୀପାରିରେ ବନ ବିଭାଗର ଚଢ଼ାଉ



**ବେଗୁନିଆପଡ଼ା,୨୯।୬(ଡି.ଏନ.ଏ.):** ବେଗୁନିଆପଡ଼ା ବ୍ଲକ କୁମାରୀପାରି ଗ୍ରାମରେ ଶନିବାର ବନ ବିଭାଗ କର୍ମଚାରୀ ଚଢ଼ାଉ କରିଥିଲେ। ଗ୍ରାମ ନିକଟରେ କିଛି ଚୋରା କାଠ ଥିବା ଜାଣି ତାକୁ ଜବତ କରିବା ପାଇଁ ଗଲାବେଳେ ଗ୍ରାମବାସୀ ଏହାର ପ୍ରତିବାଦ କରିଥିଲେ। ଏହି କାଠ କେତେ ଜଣଙ୍କ ବ୍ୟକ୍ତିଗତ ବୋଲି ଅଭିଯୋଗ କରିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ କିଛି ସମୟ ଯୁକ୍ତିତର୍କ ଚାଲିଥିଲା। ବନ କର୍ମଚାରୀ କହିଥିଲେ ଯେ, ଉକ୍ତ କାଠ ଓ ଏହାର ମୂଳ ମାପ କରି ସମାନ ଥିଲେ ଜବତ କରିବୁ ନାହିଁ। କିନ୍ତୁ ଗ୍ରାମବାସୀ ଗଛର ମୂଳ ଦେଖାଇଥିଲେ। ରିପୋର୍ଟ ଲେଖା ହେବା ସୁଧା କୌଣସି ସମାଧାନ ହୋଇ ପାରିନଥିଲା। ଘଟଣା ସ୍ଥଳରେ ଗ୍ରାମବାସୀ ଓ ବନ ବିଭାଗ ଫୋର୍ସ ମୁତୟନ ହୋଇଥିବା ବେଳେ ବେଗୁନିଆପଡ଼ା ଫାଣ୍ଡି ପୋଲିସ ମଧ୍ୟ ଉପସ୍ଥିତ ରହିଛନ୍ତି। ଏଥିରେ ଖୋର୍ଦ୍ଧା, ଟାଙ୍ଗୀ ରେଞ୍ଜର ଅଜୟ କୁମାର ଜଗଦେବ୍, ଖଲ୍ଲିକୋଟ ରେଞ୍ଜର ଦିଲ୍ଲୀପ କୁମାର ମାର୍ଥାଙ୍କ ସମେତ ଫୋର୍ସ ମୁତୟନ ଅଛନ୍ତି ।

### ଓଡ଼ିଶା ବକ୍ସିଂ ଦଳର ହରିୟାଣା ଗସ୍ତ

**ବ୍ରହ୍ମପୁର ଅଫିସ୍,୨୯।୬:** ହରିୟାଣାର ରୋହତକ୍ ଠାରେ ପ୍ରଥମ ଜାତୀୟ ସବ୍‌ଜୁନିୟର୍ ବକ୍ସିଂ ଚାମ୍ପିୟନଶିପ ଅନୁଷ୍ଠିତ ହେବ । ଏହି ପ୍ରତିଯୋଗିତାରେ ଭାଗନେବା ପାଇଁ ଓଡ଼ିଶା ଦଳର ଚୟନ କଟକର ସଚିନ୍ ତେନ୍ଦୁଲକର୍ ଇନ୍‌ଡୋର୍ ହଲଠାରେ ଆୟୋଜିତ ହୋଇଥିଲା । ଓଡ଼ିଶା ଆମେଚର ବକ୍ସିଂ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଚୟନ ଶିବିରରୁ ୯ଜଣ ଖେଳାଳିଙ୍କୁ ଚୟନ କରାଯାଇଛି । ସେମାନେ ହେଲେ ଅମର ଧଳ, ରାହୁଲ ଦାସ, ନାରାୟଣ ଜେନା, ଆଦିତ୍ୟ ନାୟକ, ବିଶାଲ ସାହୁ, ଜି.ଯୋଗୀ ନନ୍ଦ, ଅନୁଭବ ନାୟକ, ସୌମ୍ୟରଞ୍ଜନ ପରିଡ଼ା ଏବଂ ଅମ୍ଳାନ ରଥ । ଏହି ଦଳ ଶନିବାର ହରୟାଣା ଅଭିମୁଖେ ଯାତ୍ରା କରିଛି । ଦଳର କୋଚ୍ ଭାବେ ଏନ୍. ମାଧବ, ସଞ୍ଜୟ ସେଠୀ, ମ୍ୟାନେଜର୍ ବିପିନ ଗୌଡ଼ ଏବଂ ରେଫରି ଶିଶିର କୁମାର ପାଣିଗ୍ରାହୀ ମଧ୍ୟ ଗସ୍ତ କରିଛନ୍ତି । ଓଡ଼ିଶା ଅଲିମ୍ପିକ ସଂଘର ସଂପାଦକ ଆଶୀର୍ବାଦ ବେହେରା, ଓଡ଼ିଶା ଆମେଚର ବକ୍ସିଂ ସଂଘର ସଭାପତି ଅଧୀପ ଦାସ ଏବଂ ସଂପାଦକ ଅନିଲ ବହିଦାର, ଗଞ୍ଜାମ ଜିଲା କ୍ରୀଡ଼ା ସଂସଦର ସାଧାରଣ ଅଶୋକ ସାହୁ ଏବଂ ଅନ୍ୟ କର୍ମକର୍ତ୍ତାମାନେ ଖେଳାଳିଙ୍କୁ ଶୁଭେଚ୍ଛା ପ୍ରଦାନ କରିଛନ୍ତି ।

■ ମ୍ୟାଲେରିଆ, ଡେଙ୍ଗୁ, ମସ୍ତିଷ୍କ ଜ୍ୱର ସଚେତନତା ଅଭିଯାନ

# ୩ ମାସରେ ରୋଗମୁକ୍ତ ସହର ଲକ୍ଷ୍ୟ

**ବ୍ରହ୍ମପୁର ଅଫିସ,୨୯।୬**

ବ୍ରହ୍ମପୁର ମହାନଗର ନିଗମ(ବିଏମସି) ଅଞ୍ଚଳରେ ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ, ମସ୍ତିଷ୍କ ଜ୍ୱର ସଚେତନତା ଓ ନିରାକରଣ କାର୍ଯ୍ୟକ୍ରମ ଆସନ୍ତା ୨ ତାରିଖରୁ ଆରମ୍ଭ ହେବ । ଦୁଇଟି ପର୍ଯ୍ୟାୟରେ ୩ ମାସ ଧରି ପ୍ରତ୍ୟେକ ୱାର୍ଡରେ ଶୋଭାଯାତ୍ରା, ସଚେତନାମୂଳକ ପ୍ରଚାରପତ୍ର, ସମୁହ ସଫେଇ ଆଦି କରାଯିବ। ଏ ନେଇ ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ (ଏନ୍‌ୟୁଏଚଏମ୍) ପକ୍ଷରୁ ଶନିବାର ଏକ ସ୍ୱତନ୍ତ୍ର ବୈଠକ ନିଗମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଡେପୁଟି କମିଶନର ସୌରୀନ୍ଦ୍ର ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ (ସିଡିଏମଓ)ଡା. ବିଜୟ କୁମାର ପାଣିଗ୍ରାହୀ, ଅତିରିକ୍ତ ଜିଲା ସହରାଞ୍ଚଳ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଲଲାଟେନ୍ଦୁ ଦାଶ, ନଗର ସ୍ୱାସ୍ଥ୍ୟାଧିକାରୀ ଡ. ପ୍ରକାଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ଆସନ୍ତା ୨ ତାରିଖରୁ ଜୁଲାଇ ୧୬ ପର୍ଯ୍ୟନ୍ତ ଡାଇରିଆ ନିରାକରଣ ପକ୍ଷ ପାଳନ କରାଯିବ। ଏଥିରେ ଡାଇରିଆର କାରଣ, ନିରାକରଣ ଓ ପ୍ରତିକାର ନେଇ ସମସ୍ତ



ମଞ୍ଚାସୀନ ଡେପୁଟି କମିଶନର, ସିଡିଏମଓ ଓ ଅନ୍ୟମାନେ ।

ୱାର୍ଡରେ ସଚେତନ କରାଯିବ । ସେହିପରି ଜୁଲାଇ ୧୭ରୁ ସେପ୍ଟେମ୍ବର ୧୬ ପର୍ଯ୍ୟନ୍ତ ମ୍ୟାଲେରିଆ, ଡେଙ୍ଗୁ, ମସ୍ତିଷ୍କ ଜ୍ୱର ସଚେତନତା ଓ ନିରାକରଣ ଅଭିଯାନ ଚାଲିବ । ୨ ପର୍ଯ୍ୟାୟରେ ସହରର ସମସ୍ତ ୪୦ ୱାର୍ଡରେ ଗୋଷ୍ଠୀସ୍ତରୀୟ ହାତଧୁଆର ଉପକାରିତା, ବ୍ୟକ୍ତିଗତ ତଥା ପାରିପାର୍ଶ୍ୱିକ ପରିଚ୍ଛନ୍ନତା, ଜଳ ଉତ୍ସଗୁଡିକର ବିଶୁଦ୍ଧିକରଣ, ମଶାରୀ ବ୍ୟବହାର, ବାହ୍ୟମଳତ୍ୟାଗ ରୋକିବା ଦିଗରେ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେବ । ପୋଷ୍ଟର, ଶୋଭାଯାତ୍ରା, ସଫେଇ ଅଭିଯାନ ସହ ମଶା ବଂଶବୃଦ୍ଧି ରୋକିବା ଦିଗରେ ସ୍ୱତନ୍ତ୍ର ଅଭିଯାନ ହେବ ବୋଲି ସିଡିଏମଓ ସୂଚନା ଦେଇଛନ୍ତି । ଗତ ଦୁଇବର୍ଷ ହେଲା ଏଭଳି କାର୍ଯ୍ୟକ୍ରମ ହେଉଥିଲେ ମଧ୍ୟ

■ ଜୁଲାଇ ୨ରୁ ଡାଇରିଆ ପକ୍ଷ

■ ସ୍ୱଚ୍ଛତା, ପରିଚ୍ଛନ୍ନତା ଉପରେ ଗୁରୁତ୍ୱ

ବ୍ରହ୍ମପୁର ସହର ସମ୍ପୂର୍ଣ୍ଣ ରୂପେ ସଫଳତା ହାସଲ କରିପାରିନି । ତେଣୁ ଚଳିତବର୍ଷର କାର୍ଯ୍ୟକ୍ରମକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଅସ୍ୱାସ୍ଥ୍ୟକର ପରିବେଶ ରୋଗର ମୁଖ୍ୟ କାରଣ। ତେଣୁ ପ୍ରତ୍ୟେକ ଅଞ୍ଚଳରେ ପରିବେଶ ସ୍ୱଚ୍ଛ ରଖିବା ନିମନ୍ତେ ସହରବାସୀଙ୍କୁ ସଚେତନ କରିବା ଦିଗରେ କାର୍ଯ୍ୟ କରିବାକୁ ଡେପୁଟି କମିଶନର ରାଉତରାୟ ପରାମର୍ଶ ଦେଇଥିଲେ । ସହରର ୧୭୦ ମହିଳା ଆରୋଗ୍ୟ ସମିତି, ୧୯୬ ଅଙ୍ଗନୱାଡି ସେଣ୍ଟର ସମେତ ବିଦ୍ୟାଳୟ ଓ ସମସ୍ତ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହି କାର୍ଯ୍ୟକ୍ରମ ଚାଲିବ। ସହରର ୩୭ ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କ ସମେତ ଆଶା, ଅଙ୍ଗନୱାଡି କର୍ମୀ ନିୟୋଜିତ ହେବେ । ସ୍ୱାସ୍ଥ୍ୟ ପରିଦର୍ଶକ, ସହରାଞ୍ଚଳ ମ୍ୟାଲେରିଆ ସ୍ୱାସ୍ଥ୍ୟ ପରିଦର୍ଶକ, ସ୍ୱାସ୍ଥ୍ୟ ବିଭାଗ, ଗୃହ ଓ ନଗର ଉନ୍ନୟନ ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଅଧିକାରୀ ଏହାର ତଦାରଖ କରିବେ ବୋଲି କୁହାଯାଇଥିଲା । ଏନୟୁଏଚଏମର ସିଟି ପ୍ରୋଗ୍ରାମ ମ୍ୟାନେଜର ଲମ୍ବୋଦର ଦିଗାଲ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ୭ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ, ସିଡିପିଓ ୧ ଓ ୨ ଏବଂ ଏନୟୁଏଚଏମର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୩୦।୬।୨୦୧୯ (ରବିବାର)**

- ବୁଗୁଡ଼ା ପଞ୍ଚଠାକୁରାଣୀ ଯାତ୍ରା କମିଟି ବୈଠକ। ସ୍ଥାନ- ବିରଞ୍ଚି ନାରାୟଣ କଲ୍ୟାଣୀ ମଣ୍ଡପ, ସମୟ- ଅପରାହ୍ନ ୫ଟା।
- ଆମ ପୋଲିସ ସମିତି ବୈଠକ। ସ୍ଥାନ- ବାହାଡ଼ାପଦର, ଭଞ୍ଜନଗର, ସମୟ- ପୂର୍ବାହ୍ନ ୧୦ଟା ୩୦ ମିନିଟ୍।
- ଆମ ପୋଲିସ ସମିତି ବୈଠକ। ସ୍ଥାନ- ଦାରିଙ୍ଗବାଡ଼ି ଥାନା ପରିସର, ସମୟ- ପୂର୍ବାହ୍ନ ୧୧ଟା।
- ମାଗଣା କ୍ୟାନସର ପରାମର୍ଶ ଶିବିର। ସ୍ଥାନ- ଲାୟନ୍ସ କ୍ଲବ, ଆସିକା, ସମୟ- ପୂର୍ବାହ୍ନ ୧୦ଟା।
- ମାଗଣା ଚକ୍ଷୁ ଚିକିତ୍ସା ଶିବିର। ସ୍ଥାନ - କଲ୍ୟାଣ ମଣ୍ଡପ, ସମୟ - ସକାଳ ୮ଟା।
- ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା। ସ୍ଥାନ- ଗୋସାଇଁନୂଆଗାଁ ବରିଷ୍ଠ ନାଗରିକ ବିଚାର ମଞ୍ଚ,ସମୟ-ସକାଳ ୮ଟା ୩୦ ମିନିଟ୍।
- ଧର୍ମ ଜାଗରଣ ସମନ୍ୱୟ ବୈଠକ। ସ୍ଥାନ-ପାଣିଗ୍ରାହୀପେଣ୍ଠ ରଘୁନାଥ ମନ୍ଦିର,ସମୟ-ପୂର୍ବାହ୍ନ ୧୦ଟା।
- ଅଖିଳ ଭାରତ କ୍ଷୁଦ୍ର, ମଧ୍ୟମ ସମ୍ବାଦପତ୍ର ମହାସଂଘର କାର୍ଯ୍ୟକାରୀ ବୈଠକ। ସ୍ଥାନ-ରାଜସ୍ୱ ଡାକବଙ୍ଗଳା, ସମୟ- ପୂର୍ବାହ୍ନ ୧୧ଟା।
- ନବନିର୍ବାଚିତ ଲୋକପ୍ରତିନିଧିଙ୍କୁ ସମ୍ବର୍ଦ୍ଧନା। ସ୍ଥାନ-ଶଙ୍କର ଭବନ, ସମୟ-ପୂର୍ବାହ୍ନ ୧୧ଟା ୩୦ ମିନିଟ୍।
- ସିଲ୍‌କ ସିଟି କପ୍ ଫାଇନାଲ। ସ୍ଥାନ- ବ୍ରହ୍ମପୁର ଷ୍ଟାଡିୟମ୍, ସମୟ- ମଧ୍ୟାହ୍ନ ୧୨ଟା।
- ନବୀନର ସ୍ୱନକ୍ଷତ୍ର ଉତ୍ସବ। ସ୍ଥାନ-ରାଜସ୍ୱ ଡାକବଙ୍ଗଳା, ସମୟ-ସନ୍ଧ୍ୟା ୬ଟା।
- ସାହିତ୍ୟ ଭୂଷଣ ସମ୍ମାନ ପ୍ରଦାନ ସମାରୋହ। ସ୍ଥାନ-ଅଯୋଧ୍ୟାନଗର ହୋଟେଲ୍ ପ୍ରାପ୍ତି, ସମୟ-ସନ୍ଧ୍ୟା ୬ଟା।

**୧।୭।୨୦୧୯ (ସୋମବାର)**

- ବନମହୋତ୍ସବ। ସ୍ଥାନ- ପିପୁଲ୍ସ ହାଇସ୍କୁଲ ବୁଗୁଡ଼ା, ସମୟ- ପୂର୍ବାହ୍ନ ୧୦ଟା।
- ସ୍ୱାସ୍ଥ୍ୟ ସୁପର ଭାଇଜରଙ୍କ ଦ୍ୱାରା ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସମୀକ୍ଷା ବୈଠକ। ସ୍ଥାନ-ବମକେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହ, ଦିଗପହଣ୍ଡି, ସମୟ-ପୂର୍ବାହ୍ନ ୧୧ଟା।
- ମ୍ୟାଲେରିଆ, ଡାଇରିଆ ଓ ଡେଙ୍ଗୁ ନିରାକରଣ ଯୋଜନା ସମ୍ପର୍କିତ ସମୀକ୍ଷା ଓ ସଚେତନତା କାର୍ଯ୍ୟକ୍ରମ। ସ୍ଥାନ- ବମକେଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସଭାଗୃହ, ଦିଗପହଣ୍ଡି, ସମୟ- ମଧ୍ୟାହ୍ନ ୧୨ଟା।

**୨।୭।୨୦୧୯ (ମଙ୍ଗଳବାର)**

- ଜଗନ୍ନାଥ ମନ୍ଦିରରେ ନେତ୍ରୋତ୍ସବ। ସ୍ଥାନ- ଜଗନ୍ନାଥ ମନ୍ଦିର ଜି.ଉଦୟଗିରି, ସମୟ- ସନ୍ଧ୍ୟା ୭ଟା।
- ବନମହୋତ୍ସବ। ସ୍ଥାନ-ବିରଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ- ପୂର୍ବାହ୍ନ-୧୦ଟା।
- ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉଙ୍କ ନେତ୍ରୋତ୍ସବ, ନବଯୌବନ ଦର୍ଶନ। ସ୍ଥାନ- ଦିଗପହଣ୍ଡି, ସମୟ- ପୂର୍ବାହ୍ନ ୧୦ଟା।
- ଶିଶୁ ଓ ପ୍ରସୂତିଙ୍କ ପାଇଁ ମମତା ଦିବସ ସଚେତନତା। ସ୍ଥାନ- ଦିଗପହଣ୍ଡି ବ୍ଲକ ଅଧୀନ ୨୫ଟି ଉପସ୍ୱାସ୍ଥ୍ୟକେନ୍ଦ୍ର ସମୟ- ସକାଳ ୮ଟା।

**୩।୭।୨୦୧୯ (ବୁଧବାର)**

- ବିହନ ବିଶୋଧନ ଅଭିଯାନ। ସ୍ଥାନ- ଝାଟିକାପଲ୍ଲୀ ସମୟ- ପୂର୍ବାହ୍ନ ୧୦ଟା।
- ଶିଶୁ ଓ ଗର୍ଭବତୀଙ୍କୁ ଟିକାକରଣ କାର୍ଯ୍ୟକ୍ରମ। ସ୍ଥାନ- ବମକେଇ ଓ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ- ସକାଳ ୯ଟା।

**୪।୭।୨୦୧୯ (ଗୁରୁବାର)**

- ଗୁଣ୍ଡିଚା ଯାତ୍ରା ଓ ରଥ ଟଣା। ସ୍ଥାନ- ଜଗନ୍ନାଥ ମନ୍ଦିର ସମ୍ମୁଖ ଗାନ୍ଧୀଛକ- ଜି.ଉଦୟଗିରି, ସମୟ- ଅପରାହ୍ନ ୪ଟା।
- ବନ ମହୋତ୍ସବ। ସ୍ଥାନ- ନଟବର ଶିକ୍ଷା ନିକେତନ ନଗୁଡ୍ଡୁ, ସମୟ- ପୂର୍ବାହ୍ନ ୧୦ଟା।
- ଗୁଣ୍ଡିଚା ଯାତ୍ରା ପାଇଁ ଶ୍ରୀଜୀଉଙ୍କ ପହଣ୍ଡିବିଜେ। ସ୍ଥାନ- ଦିଗପହଣ୍ଡି ରାଜବାଟୀ, ସମୟ- ଅପରାହ୍ନ ୩ଟା।
- ଶିଶୁ ଓ ପ୍ରସୂତିଙ୍କ ପାଇଁ ମମତା ଦିବସ ସଚେତନତା, ଗର୍ଭବତୀଙ୍କ ଏଚ୍‌ଆଇଭି ପରୀକ୍ଷା, ଶିଶୁଙ୍କୁ ଟୀକାକରଣ କାର୍ଯ୍ୟକ୍ରମ। ସ୍ଥାନ- ଦିଗପହଣ୍ଡି ବ୍ଲକ ଅଧୀନ ସମସ୍ତ ୨୫ଟି ଉପସ୍ୱାସ୍ଥ୍ୟକେନ୍ଦ୍ର, ସମୟ- ସକାଳ ୮ଟା।

**୫।୭।୨୦୧୯ (ଶୁକ୍ରବାର)**

- ଗୁଣ୍ଡିଚା ଯାତ୍ରା ରଥ ଟଣା କାର୍ଯ୍ୟକ୍ରମ। ସ୍ଥାନ- ଦିଗପହଣ୍ଡି ବଡ଼ଦାଣ୍ଡ, ସମୟ- ଅପରାହ୍ନ ୫ଟା।

**୬।୭।୨୦୧୯ (ଶନିବାର)**

- ବନମହୋତ୍ସବ। ସ୍ଥାନ-ତାଳଶାକର ଉଚ୍ଚ ବିଦ୍ୟାଳୟ, ସମୟ- ପୂର୍ବାହ୍ନ ୧୦ଟା।
- ବ୍ଲକ ସ୍ତରୀୟ ବିଭିନ୍ନ ଉନ୍ନୟନ କାର୍ଯ୍ୟ ଅଗ୍ରଗତି ପାଇଁ ସମୀକ୍ଷା ବୈଠକ। ସ୍ଥାନ- ଦିଗପହଣ୍ଡି ବ୍ଲକ ସମ୍ମିଳନୀ କକ୍ଷ, ସମୟ- ଅପରାହ୍ନ ୪ଟା।
- ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କ ସେକ୍ଟର ସ୍ତରୀୟ ସମୀକ୍ଷା ବୈଠକ। ସ୍ଥାନ- ବମକେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହ, ଦିଗପହଣ୍ଡି, ସମୟ- ପୂର୍ବାହ୍ନ ୧୧ଟା।

■ ବିସିସି ବ୍ୟାଙ୍କରେ ପିଏମ ଫସଲ ବୀମା କର୍ମଶାଳା

# ସଚେତନ ହେଲେ ୨୦୭ ସୋସାଇଟି ସମ୍ପାଦକ




କର୍ମଶାଳାରେ ଉପସ୍ଥିତ ବ୍ୟାଙ୍କ ଓ ବୀମା କମ୍ପାନୀ କର୍ମକର୍ତ୍ତା ।

**ବ୍ରହ୍ମପୁର ଅଫିସ,୨୯।୬**

ବ୍ରହ୍ମପୁର ସମବାୟ କେନ୍ଦ୍ର (ବିସିସି) ବ୍ୟାଙ୍କ ପକ୍ଷରୁ ଶନିବାର ପ୍ରଧାନମନ୍ତ୍ରୀ (ପିଏମ) ଫସଲ ବୀମା ଯୋଜନା ନେଇ ସ୍ୱତନ୍ତ୍ର ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏହି ବ୍ୟାଙ୍କ ଅର୍ନ୍ତଭୁକ୍ତ ଗଞ୍ଜାମ ଜିଲାର ଖଲ୍ଲିକୋଟ, ବେଗୁନିଆପଡ଼ା, ଗଞ୍ଜାମ, ଛତ୍ରପୁର, ରଙ୍ଗେଇଲୁଣ୍ଡା, ଚିକିଟି, ପାତ୍ରପୁର, ଦିଗପହଣ୍ଡି, କୁକୁଡ଼ାଖଣ୍ଡି ଆଦି ବ୍ଲକର ୨୦୭ ପ୍ରାଥମିକ କୃଷି ସମବାୟ ସମିତି (ସୋସାଇଟି)ର ସମ୍ପାଦକ ଓ ଅନ୍ୟ କର୍ମକର୍ତ୍ତା ଏଥିରେ ଯୋଗ ଦେଇଥିଲେ । କର୍ମଶାଳାକୁ ବ୍ୟାଙ୍କ ପରିଚାଳନା ବୋର୍ଡ ସଭାପତି ଅଲେଖ ଚୌଧୁରୀ ଉଦଘାଟନ କରିଥିଲେ ଏବଂ ସମ୍ପାଦକ ଚିତ୍ତ ରଞ୍ଜନ ପାଣିଗ୍ରାହୀ ଏହାର ଉଦ୍ଦେଶ୍ୟ ଆଲୋକପାତ କରିଥିଲେ । ବୀମା ଦାୟିତ୍ୱ ନେଇଥିବା ଏଚଡିଏଫସିର ଏଗ୍ରୋ କମ୍ପାନୀ ପରିଚାଳକ ପ୍ରକାଶ ଶ୍ରୀବାସ୍ତବଙ୍କ ସମେତ ଅନ୍ୟମାନେ କର୍ମଶାଳାରେ ଯୋଗ ଦେଇଥିଲେ। ଚଳିତ ଖରିଫ ଧାନ ଫସଲ ପାଇଁ ବ୍ୟାଙ୍କରୁ କୃଷିଋଣ ନେଉଥିବା ଚାଷୀମାନେ ଲଗାଣ ଟଙ୍କାର ୨% ଏବଂ କପା ଚାଷ ନିମନ୍ତେ ୫% ବୀମା ବାବଦ ଦେୟ ପୈଠ କରିବାର ବ୍ୟବସ୍ଥା ଥିବା ସମ୍ପାଦକମାନଙ୍କୁ ସଚେତନ କରାଯାଇଥିଲା। ଜୁଲାଇ ୩୧ ସୁଦ୍ଧା ଚାଷୀମାନେ ପ୍ରିମିୟମ ଟଙ୍କା ପୈଠ କରିବା ବାଧ୍ୟତାମୂଳକ ହୋଇଥିବା କୁହାଯାଇଥିଲା। ତେଣୁ କୃଷିଋଣ ଲଗାଣ ବେଳେ ସୋସାଇଟି କର୍ମକର୍ତ୍ତା ତଥା ସମ୍ପାଦକମାନେ ଏଥିପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦିଆଯାଇଥିଲା ।

ବ୍ୟାଙ୍କ ସଭାପତି ଓ ସମ୍ପାଦକଙ୍କ ସୂଚନାନୁସାରେ ଯଦି ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ଫସଲ ହାନି ଘଟିଲେ ବୀମାଭୁକ୍ତ ଚାଷୀମାନେ ନିୟମ ପ୍ରକାରେ କ୍ଷତିପୂରଣ ପାଇବାର ବ୍ୟବସ୍ଥା ରହିଛି । ୨୦୧୮ ଖରିଫ ଋତୁରେ ଘଟିଥିବା ସାମୁଦ୍ରିକ ଝଡ଼ ତିତ୍‌ଲି ଦ୍ୱାରା ଫସଲ ହାନିର ଶିକାର ୯୧୮୪ ଚାଷୀଙ୍କ ପାଇଁ ବୀମା କମ୍ପାନୀ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୭.୭୨ କୋଟି ଟଙ୍କା ବ୍ୟାଙ୍କକୁ ଆସିଥିଲା। ସୋସାଇଟି ଜରିଆରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ସେହି ଟଙ୍କା ପୈଠ କରାଯାଇଛି । ଦ୍ୱିତୀୟ ପର୍ଯ୍ୟାୟ ବୀମା ଟଙ୍କା ଆସିବାର କାର୍ଯ୍ୟକ୍ରମ ରହିଛି । ଚଳିତ ବର୍ଷର ଖରିଫ ଧାନ ଫସଲ ପାଇଁ ୨୦୭ ସୋସାଇଟି ଦ୍ୱାରା କୃଷି ଋଣ ଲଗାଣ ଗତ ଏପ୍ରିଲ ମାସରୁ ଆରମ୍ଭ ହୋଇଥିବା ସୂଚନା ଦିଆଯାଇଛି।

### ଷ୍ଟୋଭ ଫାଟି ଯୁବକ ଗୁରୁତର

**ସୋରଡ଼ା,୨୯।୬(ଡି.ଏନ୍.ଏ.)**

ଗେଞ୍ଜା ପଞ୍ଚାୟତର ଭେଜିପଲି ଗ୍ରାମରେ ଶନିବାର ସନ୍ଧ୍ୟାରେ ଷ୍ଟୋଭ୍ ଫାଟି ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ବିପ୍ର ନାୟକ। ବିପ୍ର ଘରେ ରୋଷେଇ କରୁଥିବା ବେଳେ ହଠାତ୍ ଷ୍ଟୋଭ୍ ଫାଟି ଯାଇଥିଲା। ଫଳରେ ସେ ପୋଡ଼ିଯାଇଥିଲେ। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ସୋରଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ପରେ ଗୁରୁତର ଅବସ୍ଥାରେ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ବିପ୍ର ଗରିବ ଥିବାରୁ ପ୍ରଶାସନିକ ସାହାର୍ଯ୍ୟ କରିବାକୁ ସାମାଜିକ କର୍ମୀ ବ୍ରଜେନ୍ଦ୍ର ପାଢ଼ି ଅନୁରୋଧ କରିଛନ୍ତି।

# ଆର୍‌ଡିସିଙ୍କୁ ଭାଜପାର ଦାବିପତ୍ର

**ବ୍ରହ୍ମପୁର ଅଫିସ,୨୯।୬**

ବ୍ରହ୍ମପୁର ଷ୍ଟେଶନ ରୋଡରେ ଥିବା ଓଡିଶା ଷ୍ଟେଟ ଫାଇନାନ୍ସ କର୍ପୋରେଶନ କାର୍ଯ୍ୟାଳୟକୁ ଭୁବନେଶ୍ୱର ସ୍ଥାନାନ୍ତର କରାଯିବା ପ୍ରସ୍ତାବକୁ ଭାଜପା ପକ୍ଷରୁ ବିରୋଧ କରାଯାଇଛି। ଉକ୍ତ ପ୍ରସ୍ତାବ ପ୍ରତ୍ୟାହାର କରିବାକୁ ଶନିବାର ଭାଜପା ସ୍ୱାସ୍ଥ୍ୟ ସେଲର କର୍ମକର୍ତ୍ତାମାନେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର(ଆରଡିସି)ଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟାଳୟ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲେ ଶିଳ୍ପ ଓ ନିର୍ମାଣ କାର୍ଯ୍ୟର ଅଭିବୃଦ୍ଧି ସହ ଗଞ୍ଜାମ ଜିଲାବାସୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି କର୍ମକର୍ତ୍ତାମାନେ କହିଛନ୍ତି। କାର୍ଯ୍ୟାଳୟକୁ ଏଠାରେ ରଖି ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ଦିଗରେ ପଦକ୍ଷେପ ଗ୍ରହଣ କରା ନ ଗଲେ କର୍ମକର୍ତ୍ତାମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ଦାବିପତ୍ର ପ୍ରଦାନ ବେଳେ ଭାଜପା ସ୍ୱାସ୍ଥ୍ୟ ସେଲର ସଭାପତି ରାମକୁମାର ପାତ୍ରଙ୍କ ସମେତ କିରଣ କୁମାର ସାହୁ, କେଶବ ଚନ୍ଦ୍ର ପାଢୀ, ବିଜେତା ପାଣିଗ୍ରାହୀ, ଦିବ୍ୟ ରଞ୍ଜନ ଦାଶ, ଟୁଟୁ ନାୟକ, ଭାଗୀରଥି ପାଣିଗ୍ରାହୀ, ସନ୍ତୋଷ ସେଠୀ ଓ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

■ ମୌସୁମୀ ବଢ଼ାଉଛି ଚାଷୀର ଚିନ୍ତା

# ଜୁନ୍‌ରେ ୩୧ ପ୍ରତିଶତ କମ୍ ବର୍ଷା

**ବ୍ରହ୍ମପୁର ଅଫିସ,୨୯।୬**

ଗଞ୍ଜାମ ଜିଲାରେ ଅକ୍ଷୟ ତୃତୀୟାଠାରୁ ଧାନବୁଣା ଆରମ୍ଭ ହୋଇଥିଲା। ଇତିମଧ୍ୟରେ ଦେଢ଼ ମାସରୁ ଅଧିକ ସମୟ ବିତିଲାଣି ଏ ଯାଏ ରୁଆ କାର୍ଯ୍ୟ ଆରମ୍ଭ ହୋଇପାରିନି । ମୌସୁମୀରେ ବିଳମ୍ବ ଯୋଗୁ ଚାଷ ଜମି ଶୁଖିଲା ପଡ଼ିଛି। ବର୍ଷା ମଧ୍ୟ ହେଉନି । ସ୍ୱତନ୍ତ୍ର ରିଲିଫ୍ କମିଶନ୍‌ଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ଜୁନ୍ ପହିଲାରୁ ୨୯ତାରିଖ ଭିତରେ ଜିଲାରେ ୩୦.୯ପ୍ରତିଶତ କମ୍ ବର୍ଷା ହୋଇଛି। ଯାହା ଚାଷୀଙ୍କ ଚିନ୍ତାକୁ ଆହୁରି ବଢ଼ାଇ ଦେଇଛି । ଏହି ସମୟରେ ଜିଲାରେ ହାରାହାରି ୧୬୨.୭ଏମ୍‌ଏମ୍ ବର୍ଷା ହେବା କଥା। ହେଲେ ହୋଇଛି ମାତ୍ର ୧୧୨.୩ ଏମ୍‌ଏମ୍। ଜୁନ୍‌ର ଅନ୍ୟ ତାରିଖର ତଥ୍ୟକୁ ଦେଖିଲେ ଜଣାପଡୁଛି ଯେ, ୨୨ତାରିଖ ସୁଦ୍ଧା ଜିଲାରେ ୯୯.୫ଏମ୍‌ଏମ୍ ବର୍ଷା ହୋଇଥିଲା । ଏହି ସମୟରେ ଜିଲାରେ ପ୍ରାୟ ୧୨୩.୪ଏମ୍‌ଏମ୍ ବର୍ଷା ହେବା କଥା। ହେଲେ ୧୯.୪ପ୍ରତିଶତ କମ୍ ବର୍ଷା ହୋଇଥିବା ରେକର୍ଡ଼ କରାଯାଇଥିଲା । ସେହିଭଳି ୨୪ତାରିଖ ସୁଦ୍ଧା ଜିଲାରେ ୨୨.୨ପ୍ରତିଶତ କମ୍ ବର୍ଷା ହୋଇଥିବା ଜଣାପଡିଛି। ଏହି ସମୟ ପର୍ଯ୍ୟନ୍ତ ଜିଲାରେ ୧୩୪.୬ଏମ୍‌ଏମ୍ ବର୍ଷା ହେବା କଥା । କିନ୍ତୁ ମାତ୍ର ୧୦୪.୮ଏମ୍‌ଏମ୍ ବର୍ଷା ହୋଇଥିଲା ।

ସରକାରୀ ତଥ୍ୟ ଅନୁସାରେ, ଚଳିତ ବର୍ଷ ଜିଲାରେ ୪ଲକ୍ଷ ୧୧ହଜାର ୬ଶହ ହେକ୍ଟର ଜମିରେ ଖରିଫ୍ ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ସେଥିରୁ ୨ଲକ୍ଷ ୧୦ହଜାର ହେକ୍ଟର ଜମିରେ ଧାନ ଚାଷ ହେବ । ଏଥିରୁ ପୁଣି ୨୦ହଜାର ହେକ୍ଟର ଜମିରେ ଧାନ ବୁଣା ହେଉଥିବା ବେଳେ ବଳକା ଜମିରେ ଧାନ ରୁଆ ହେବ । ହେଲେ ବର୍ଷାର ଅଭାବ ଯୋଗୁ ଧାନ ଚାଷ ବାଧାପ୍ରାପ୍ତ ହୋଇଛି । ଗୋଟିଏ ପଟେ ବର୍ଷାର ପରିମାଣ ଖୁବ୍ କମ୍ ଥିବା ବେଳେ ଏହାକୁ ନେଇ ଚାଷୀଙ୍କ ଚିନ୍ତା ମଧ୍ୟ ବଢ଼ିଯାଇଛି । ମୌସୁମୀ ଜନିତ ବର୍ଷାରେ ବିଳମ୍ବ ଯୋଗୁ ଚାଷ ଜମି ଶୁଖିଲା ପଡ଼ିଛି । ଜିଲାରେ ଚାଷୀମାନେ ଜଳସେଚନ ପାଇଁ ସାଧାରଣତଃ ବର୍ଷା ଉପରେ ନିର୍ଭର କରିଥାନ୍ତି । ଯେଉଁ କେତେକ ଜଳଉତ୍ସ ରହିଛି, ତାହା ମଧ୍ୟ ବର୍ଷା ଉପରେ ନିର୍ଭରଶୀଳ । ରଷିକୂଲ୍ୟାରୁ ୬୧ହଜାର୭୩୯ ହେକ୍ଟର ଜମିକୁ ପାଣି ପହଞ୍ଚିଥାଏ । ସେହିଭଳି ୧୨ଟି ମଧ୍ୟମ ଜଳସେଚନ ପ୍ରକଳ୍ପ ଯଥା ବାଘଲଟି, ଡହ, ଧନେଇ, ଜୟମଙ୍ଗଳା, ହାଇଧରବାଟି, ଘୋଡ଼ାହାଡ଼, ବାହୁଦା, ରାମନଦୀ, ବାଘୁଆ ଧନେଇ, ବାଘୁଆ, ଶାଳିଆ ଏବଂ ହରଭଙ୍ଗି ପ୍ରକଳ୍ପରୁ ୬୭ହଜାର ୯୬୭ହେକ୍ଟର ଜମିରେ ଜଳ ସେଚନ ହେଉଛି । ୧୦୮୫ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପରୁ ୯୫ହଜାର ୬୭୬ ହେକ୍ଟର, ୧୪୩୬ଟି ଉଠା ଜଳସେଚନ ପ୍ରକଳ୍ପରୁ ୨୪ହଜାର ୮୦୮ହେକ୍ଟର ଜମିରେ ଜଳସେଚନ ହେଉଛି । କିନ୍ତୁ ବର୍ଷା ନ ଥିବା ଯୋଗୁ ଏହି ସବୁ ପ୍ରକଳ୍ପଗୁଡ଼ିକରେ ମଧ୍ୟ ପ୍ରାୟତଃ ପାଣି ଅଭାବ ଦେଖାଦେଇଛି । ଯଦି ଆଗାମୀ ଦିନରେ ଭଲ ବର୍ଷା ନ ହୁଏ, ତେବେ ଜିଲାରେ ପୁଣି ଥରେ ମରୁଡ଼ି ପରିସ୍ଥିତି ଦେଖାଦେବ ବୋଲି ଆଶଙ୍କା କରାଯାଉଛି ।

# ମୁଖ୍ୟ ଅଭିଯୁକ୍ତ ଭାଲୁଙ୍କୁ ରିମାଣ୍ଡରେ ଆଣିବ ପୋଲିସ

**ବ୍ରହ୍ମପୁର ଅଫିସ,୨୯।୬**

ଆସିକା ବିଧାନସଭା ଆସନର କଂଗ୍ରେସ ପ୍ରାର୍ଥୀ ତଥା ମଦ ବ୍ୟବସାୟୀ ମନୋଜ ଜେନା ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ଆସିକାର ଭଗବାନ ସାହୁ ଓରଫ ଭାଲୁଙ୍କୁ ବ୍ରହ୍ମପୁର ପୋଲିସ ଶୁକ୍ରବାର ରାତି ପ୍ରାୟ ୮ଟାରେ ଭୁବନେଶ୍ୱର ଖଣ୍ଡଗିରି ଥାନା ଅଞ୍ଚଳରୁ ଗିରଫ କରିଛି। ତାଙ୍କ ନିକଟରୁ ୧୦,୬୦୦ ଟଙ୍କା, ୪ଟି ମୋବାଇଲ ଫୋନ, ଏଟିଏମ କାର୍ଡ, ଓ କେତେଟି ଭିଜିଟିଂ କାର୍ଡ ପୋଲିସ ଜବତ କରିଥିଲା। ବିଏନପୁର ଥାନା ମାମଲା ନଂ.୧୦୧/୧୯ରେ ଭାଲୁଙ୍କୁ ଶନିବାର କୋର୍ଟଚାଲାଣ କରାଯିବ। ମନୋଜଙ୍କୁ ହତ୍ୟା କରିବା ପାଇଁ ଭାଲୁ କେତେ ଟଙ୍କା ସୁପାରି ଦେଇଥିଲେ, ହତ୍ୟା ପଛରେ ଅନ୍ୟ କୌଣସି ରହସ୍ୟ ଅଛି କି ନାହିଁ ସେ ନେଇ ଅଧିକ ଖୋଳତାଡ଼ କରାଯିବ। ଏଥିପାଇଁ ଭାଲୁଙ୍କୁ ୫ ଦିନିଆ ରିମାଣ୍ଡରେ ଆଣିବାକୁ କୋର୍ଟରେ ଆବେଦନ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ବ୍ରହ୍ମପୁର ଏସପି ପିନାକ ମିଶ୍ର ସୂଚନା ଦେଇଛନ୍ତି।

ପୋଲିସ ଆହୁରି ସୂଚନା ଦେଇଛି ଯେ, ଉଭୟ ଭାଲୁ ଓ ମନୋଜଙ୍କ ନାଁରେ ଏକାଧିକ ମାମଲା ରହିଛି। ୨୦୦୪ରୁ ୨୦୦୯ ପର୍ଯ୍ୟନ୍ତ ମନୋଜ ଆସିକା ଅଞ୍ଚଳରେ ତାଙ୍କର ଆପରାଧିକ କାର୍ଯ୍ୟକଳାପ ଚଳାଇଥିଲେ। ୨୦୦୪ରେ ଭାଲୁଙ୍କ ନାବାଳକ ଭାଇଙ୍କୁ ସେ ତାଙ୍କ ସହଯୋଗୀଙ୍କ ସହ ମିଶି ହତ୍ୟା କରିଥିଲେ। ୨୦୦୭ରେ ଭାଲୁଙ୍କ ଘରେ ପଶି ଭଙ୍ଗାରୁଜା କରିବା ସହ ପରିବାର ଲୋକଙ୍କୁ ଆକ୍ରମଣ କରିଥିଲେ । ଏହାର ପ୍ରତିଶୋଧ ନେବା ପାଇଁ ଭାଲୁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଥିଲେ। ଏଥିପାଇଁ ସେ ଦୁର୍ଦ୍ଦାନ୍ତ ଅପରାଧୀ ସୁନିଲ ସାହୁ ଓରଫ ସୁଲତାନଙ୍କ ସହାୟତା ନେଇଥିବା ଜେରା ବେଳେ ଜଣାପଡ଼ିଛି ବୋଲି ଏସପି କହିଛନ୍ତି। ଭାଲୁଙ୍କ ନାଁରେ ୭ଟି ସଂଗୀନ ମାମଲା ରହିଛି। ସେଥିମଧ୍ୟରୁ ୫ଟି ହତ୍ୟା ମାମଲା। ମନୋଜଙ୍କ ନାଁରେ ବାଲିପଦରରେ ଦୁଇଟି ବିଦେଶୀ ଓ ଗୋଟିଏ ଦେଶୀ ମଦ ଦୋକାନ ରହିଥିଲା । ମନୋଜଙ୍କୁ ସେଠାରୁ ହଟାଇବା ପାଇଁ ଭାଲୁ ଯୋଜନା କରିଥିଲେ ବୋଲି ପୋଲିସ କହିଛି । ୨୦୧୫ ନଭେମ୍ବର ୨୪ରେ ବୁଗୁଡ଼ାର ତତ୍କାଳୀନ ନଗରପାଳ ବାଳକୃଷ୍ଣ ପାତ୍ରଙ୍କୁ ଭାଲୁ ଓ ତାଙ୍କ ସହଯୋଗୀମାନେ ମିଶି ହତ୍ୟା କରିଥିଲେ। ଏହି ଘଟଣାରେ ବୁଗୁଡ଼ା ଥାନା ମାମଲା ନଂ.୨୭୦/୧୫ରେ ଭାଲୁ ଓ ତାଙ୍କ ସହଯୋଗୀମାନଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା । ଏବେ ଏହି ମାମଲାର ବିଚାର ଚାଲିଛି।





ଗିରଫ ଭଗବାନ ସାହୁ । ଜବତ ଟଙ୍କା, ମୋବାଇଲ ଓ ଅନ୍ୟାନ୍ୟ ସାମଗ୍ରୀ।

**ମନୋଜ ଜେନା ହତ୍ୟା ମାମଲା**

ମଦ ବ୍ୟବସାୟୀ ମନୋଜଙ୍କୁ ହତ୍ୟା କଲେ ବୁଗୁଡ଼ା ପୂର୍ବତନ ନଗରପାଳ ହତ୍ୟା ମାମଲାର ସାକ୍ଷୀମାନେ ଭୟଭୀତ ହୋଇ ସାକ୍ଷ୍ୟ ଦେବେ ନାହିଁ ବୋଲି ଭାଲୁ ନିଶ୍ଚିତ ହୋଇଥିଲେ ବୋଲି ଏସପି କହିଛନ୍ତି । ସୂଚନାଯୋଗ୍ୟ, ସାଧାରଣ ନିର୍ବାଚନ ଭୋଟ ଗଣତି ପୂର୍ବଦିନ ତଥା ମେ ୨୨ ତାରିଖ ରାତ୍ର ପ୍ରାୟ ୧୦ଟାରେ ବିଏନପୁର ଥାନା ଅନ୍ତର୍ଗତ ଲାଞ୍ଜିପଲ୍ଲୀ ନିକଟ ଜାତୀୟ ରାଜପଥରେ କଂଗ୍ରେସ ପ୍ରାର୍ଥୀ ମନୋଜଙ୍କୁ ଗୁଳି କରାଯିବା ସହ ଗଳାକାଟି ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୂର୍ବରୁ ୨ ପର୍ଯ୍ୟାୟରେ ସୁଲତାନଙ୍କ ସମେତ ୭ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିଲା। ମାଷ୍ଟର ମାଇଣ୍ଡ ଭାଲୁଙ୍କ ନାଁରେ ଏନବିଡବ୍ଲୁ ଜାରି କରାଯାଇଥିଲା। ସେ ପୋଲିସ ନିକଟରେ ହାଜର ନ ହେଲେ ପଳାତକ ଘୋଷଣା ହୋଇଥାନ୍ତେ। ତେବେ ଶୁକ୍ରବାର ବ୍ରହ୍ମପୁର ପୋଲିସର ଏକ ସ୍ୱତନ୍ତ୍ର ଟିମ ମୁଖ୍ୟ ଅଭିଯୁକ୍ତ ଭାଲୁଙ୍କୁ ଖଣ୍ଡଗିରି ଥାନା ଅଞ୍ଚଳରୁ ଗିରଫ କରିବାରେ ସକ୍ଷମ ହୋଇଛି।

ଧରିତ୍ରୀ
DHARITRI



## ସଂକ୍ଷେପରେ

### ଦୁର୍ଘଟଣାରେ ବାଇକ୍ ଚାଳକ ମୃତ, ୨ ଗୁରୁତର

ଦିଗପହଣ୍ଡି,୨୯।୬(ଡି.ଏନ.ଏ.)-ଦିଗପହଣ୍ଡି-ଖମ୍ବାରି ଗାଁ ମୁଖ୍ୟରାସ୍ତା ବାଲିଘାଇ ଗ୍ରାମ ଛକ ନିକଟରେ ଶନିବାର ଏକ ବାଇକ୍ ଗଛରେ ପିଟି ହେବାରୁ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଗ୍ରାମର କିଶାନ ଦୋରା ଏବଂ ଆହତ ଦ୍ୱୟ ହେଲେ ଜିତେନ୍ଦ୍ର ସେଠୀ ଓ ସଂଗ୍ରାମ ଦୋରା। ସମସ୍ତଙ୍କ ଘର ସାନଖେମୁଣ୍ଡି ବ୍ଲକ ଭୁଡୁକି ଗ୍ରାମ। ସକାଳ ପ୍ରାୟ ୯ଟାରେ କିଶାନ ଓ ଅନ୍ୟ ଦୁଇ ସାଙ୍ଗ ମିଶି ବାଇକ୍ ଯୋଗେ ଦିଗପହଣ୍ଡି ବ୍ଲକ ଖମ୍ବାରିଗାଁର ପ୍ରସିଦ୍ଧ ଶ୍ରୀଉଜ୍ଜଳେଶ୍ୱର ଶୈବପୀଠକୁ ଦର୍ଶନ କରିବାକୁ ଯାଇଥିଲେ। ଫେରିବା ବାଟରେ ବାଲିଘାଇ ନିକଟରେ ବାଇକ୍ ଭାରସାମ୍ୟ ହରାଇ ରାସ୍ତା କଡର ଏକ ଗଛକୁ ପିଟି ହୋଇଯାଇଥିଲା। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର କିଶାନଙ୍କୁ ମୃତ ଘୋଷଣା କରିଥିଲେ। ସଂଗ୍ରାମଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। କେ.ନୂଆଗାଁ ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ ସହ ନଂ. ୧୧୬/୧୯ରେ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡମେଡିକାଲକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି।

### ବୁଗୁଡ଼ା ଏନ୍‌ଏସିରେ ପଲିଥିନ ଚଢ଼ାଉ

ବୁଗୁଡ଼ା,୨୯।୬(ଡି.ଏନ.ଏ.)-ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜ ଶନିବାର ବୁଗୁଡ଼ା ପରିଦର୍ଶନରେ ଆସି ଏନ୍‌ଏସି କାର୍ଯ୍ୟାଳୟରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ତାଙ୍କ ନିର୍ଦ୍ଦେଶରେ ବିଭିନ୍ନ ଦୋକାନରେ ଚଢ଼ାଉ କରାଯାଇ ୧୦ କେଜି ପଲିଥିନ ସହ ଏକ ଫେକ୍ଟ୍ରିରେ ୭୦ ବସ୍ତା ପାଣି ପାଉଚ ଜବତ ହୋଇଛି। ସେମାନଙ୍କଠାରୁ ୪ ହଜାର ୭୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିରଞ୍ଜନ ଦାଶ, ନୋଡାଲ ଅଧିକାରୀ କାଳିଚରଣ ରଥ, ରାମକୃଷ୍ଣ ପଟ୍ଟନାୟକ, ଅଶୋକ କୁମାର ସାହୁ, ଜଗଦୀଶ ପଣ୍ଡା, ପୀତବାସ ପ୍ରଧାନ, ରଞ୍ଜନ କୁମାର ପ୍ରଧାନ, ବିରଞ୍ଚି ନାରାୟଣ ପାତ୍ର ପ୍ରମୁଖ କର୍ମଚାରୀମାନେ ଚଢ଼ାଉରେ ସାମିଲ ଥିଲେ। ସହରକୁ ପଲିଥିନମୁକ୍ତ କରିବା ପାଇଁ ଏଭଳି ଚଢ଼ାଉ ଜାରି ରହିବ ବୋଲି ଏନ୍‌ଏସି ଅଧିକାରୀ କହିଛନ୍ତି।

### ମିଳିତ ଶିକ୍ଷକ, ଅଭିଭାବକ ବୈଠକ

ଦିଗପହଣ୍ଡି,୨୯।୬(ଡି.ଏନ.ଏ.)-ଦିଗପହଣ୍ଡି ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ଶୁକ୍ରବାର ଅଭିଭାବକ ଓ ଶିକ୍ଷକ କମିଟି ପକ୍ଷରୁ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୀମାଞ୍ଚଳ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ଦିଗପହଣ୍ଡି ବିଇଓ ବସନ୍ତ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଦିଗପହଣ୍ଡି ତହସିଲଦାର ଅଦ୍ୱୈତ୍ୟ କୁମାର ସ୍ୱାଇଁ, ଗୋଷ୍ଠୀ ସାଧନ କର୍ମୀ ଉପେନ୍ଦ୍ର ପଣ୍ଡା, ଆଇନଜୀବୀ ହରପ୍ରସାଦ ରଥ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମାଗି ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷାର ଅଭିବୃଦ୍ଧି, ଗୁଣାତ୍ମକ ଶିକ୍ଷାରବିକାଶ ପାଇଁ ଆକର୍ଷଣୀୟ ପରିବେଶ, ଛାତ୍ରୀଛାତ୍ରଙ୍କ ନିୟମିତ ଉପସ୍ଥାନ, ଶ୍ରେଣୀ ଉପଯୋଗ ଶିକ୍ଷା ଦକ୍ଷତା ହାସଲ ଏବଂ ବିଦ୍ୟାଳୟର ବିଭିନ୍ନ କମିଟି ଓ ଅଭିଭାବକମାନଙ୍କ ସହଯୋଗ କିପରି ରହିବ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ବୈଠକରେ ଅନ୍ୟଙ୍କ ମଧ୍ୟରେ ଶିକ୍ଷକ ଉମା ଶଙ୍କର ସାହୁ, ଜଗଦୀଶ ସାହୁ, କାଳୀଚରଣ ନାୟକ, ଗୌତମ ଦୋରା, ଶିକ୍ଷୟିତ୍ରୀ ନମିତା କୁମାରୀ ଦେବୀ, ଲତିକା ଦେବୀ, ସଙ୍ଗୀତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସ୍ଥାନୀୟ ବଡଖେମୁଣ୍ଡି ହାଇସ୍କୁଲ ପ୍ରାଙ୍ଗଣରେ ଆୟୋଜିତ ବୈଠକରେ ପ୍ରଧାନଶିକ୍ଷକ ରାଜେନ୍ଦ୍ର କୁମାର ନାୟକ ସଭାପତିତ୍ୱ କରିଥିଲେ। ପରିଚାଳନା କମିଟି ସଭାନେତ୍ରୀ ଗାୟତ୍ରୀ ପାତ୍ର, ସମ୍ପାଦକ ପ୍ରଶାନ୍ତ ପୂଜାରୀଙ୍କ ସମେତ ସମସ୍ତ ସଭ୍ୟ, ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ। ହାଇସ୍କୁଲରେ ଆବଶ୍ୟକ ଶିକ୍ଷୟିତ୍ରୀ ଶିକ୍ଷକ ପଦବୀ ଖାଲି ଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା।

### ପୁଣି ନିର୍ଦ୍ଦିଷ୍ଟ ଟ୍ରାନ୍ସପୋର୍ଟକୁ ସହଯୋଗ

# ୨ ଦିନରେ ବଦଳି ଗଲା ସିଏସ୍‌ଓଙ୍କ ନିଷ୍ପତ୍ତି

**ଫୁଲବାଣୀ ଅଫିସ, ୨୯।୬**

କନ୍ଧମାଳ ଜିଲା ଯୋଗାଣ ବିଭାଗର ଚାଲିଥିବା କଳା କାରନାମା ଧୀରେ ଧୀରେ ପଦାକୁ ଆସୁଛି। ଏକ ଟ୍ରାନ୍ସପୋର୍ଟକୁ କିପରି ଯୋଗାଣ ବିଭାଗ ସହଯୋଗ କରୁଛି ତାହା ଏକ ଚିଠିରୁ ସ୍ପଷ୍ଟ ହୋଇଛି। କାହିଁକି ଏବଂ କେଉଁ ସ୍ୱାର୍ଥରେ ସେହି ଟ୍ରାନ୍ସପୋର୍ଟକୁ ଅନୁକମ୍ପା ପ୍ରଦର୍ଶନ କରାଯାଉଛି ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପିଡିଏସ୍(ସାଧାରଣ ବଣ୍ଟନ ବ୍ୟବସ୍ଥା) ଚାଉଳ ବଣ୍ଟନ ଲାଗି ଟେଣ୍ଡର ଅନୁସାରେ କନ୍ଧମାଳ ଏବଂ ବୌଦ୍ଧ ଜିଲାର ମିଲରଙ୍କଠାରୁ ଚାଉଳ ଆଣି ପିଇଜି ଗୋଦାମରେ ରଖି ସେଠାରୁ ରିଟେଲ ସେଣ୍ଟର(ପଞ୍ଚାୟତ)କୁ ପଠାଯିବା ନିୟମ ରହିଛି। ମାତ୍ର ଏହାକୁ ଅଣଦେଖା କରାଯାଉଛି। ଟେଣ୍ଡରଧାରୀ ସମ୍ପୃକ୍ତ ଟ୍ରାନ୍ସପୋର୍ଟ ଏହି ୨ ଜିଲାରୁ ଚାଉଳ ନ ଆଣି କଳାହାଣ୍ଡିରୁ ଆଣି ସିଧାସଳଖ ପଞ୍ଚାୟତକୁ ପଠାଉଛି। ଘଟଣା ସମ୍ପର୍କରେ ଖୋଦ ଜିଲା ଯୋଗାଣ ଅଧିକାରୀ ଗତ ୨୨ ତାରିଖରେ ଚିଠି କରି ଚାଉଳ କେବଳ କନ୍ଧମାଳ ଏବଂ ବୌଦ୍ଧରୁ ଆସିଲେ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଏହି ଦୁଇଟି ଜିଲା ବ୍ୟତୀତ ଅନ୍ୟ କେଉଁଠାର ସିଏମ୍‌ଆର(କଷ୍ଟମ ମିଲ ରାଇସ) ଗ୍ରହଣ କରାଯିବ ନାହିଁ ଚିଠିରେ ଉଲ୍ଲେଖ କରିଥିଲେ। ହେଲେ ୨ ଦିନ ପରେ ଅର୍ଥାତ ୨୪ ତାରିଖରେ ଅନ୍ୟ ଜିଲାର ସିଏମ୍‌ଆରକୁ ଜିଲା ଯୋଗାଣ ଅଧିକାରୀ ଗ୍ରହଣ କରୁଛନ୍ତି। ଯାହାକୁ ନେଇ ଟ୍ରାନ୍ସପୋର୍ଟ ଏବଂ ଜିଲା ଯୋଗାଣ ବିଭାଗ ଅଧିକାରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଥିବା ସ୍ପଷ୍ଟ ବାରି ହୋଇପଡିଛି। କାରଣ ପିଇଜି ଗୋଦାମ ଏବଂ ଟେଣ୍ଡରଧାରୀ ଟ୍ରାନ୍ସପୋର୍ଟ ହେଉଛି ଜଣଙ୍କର।

ଜିଲା ଯୋଗାଣ ଅଧିକାରୀ ଚିଠି ନଂ.୨୫୪ ତା.୨୨।୬।୧୯ରେ ସମ୍ପୃକ୍ତ ପିଇଜି ଗୋଦାମର ଆରଆରସି/ଡିଏସ୍‌ସି ଇନଚାର୍ଜ(ରାଇସ ରିସିଭିଂ ସେଣ୍ଟର କମ୍ ଡିପାର୍ଟମେଣ୍ଟାଲ ଷ୍ଟୋରେଜ ସେଣ୍ଟର) ଅର୍ଥାତ ବିଭାଗୀୟ ଗୋଦାମ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଉପରୋକ୍ତ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଯଦି କିଛି ଅନିୟମିତତା ପରିଲକ୍ଷିତ ହେବ ତାହାଲେ ସମ୍ପୃକ୍ତ ଅଧିକାରୀ ଦାୟୀ ରହିବେ ବୋଲି ଉଲ୍ଲେଖ କରିଛନ୍ତି। ହେଲେ ମାତ୍ର ୨ ଦିନ ପରେ ସମ୍ପୃକ୍ତ ଟ୍ରାନ୍ସପୋର୍ଟର ସିଏମ୍‌ଆରକୁ ଖୋଦ ଜିଲା ଯୋଗାଣ ଅଧିକାରୀ ଗ୍ରହଣ କରିଛନ୍ତି। ଏ ନେଇ ଜିଲା ଯୋଗାଣ ଅଧିକାରୀ ସୁବୋଧ ମଲ୍ଲିକଙ୍କୁ ପଚାରିବାରୁ, ଆମେ ଚିଠି କରିଥିଲୁ, ଟେଲିଫୋନରେ ନିର୍ଦ୍ଦେଶ ଆସିଲା କଳାହାଣ୍ଡି ଚାଉଳ ଗ୍ରହଣ କରିବାକୁ, ତେଣୁ ଆମେ ତାହାକୁ ଗ୍ରହଣ କରିଛୁ। ତେବେ ଏଠାରେ କଥା ଉଠୁଛି ସରକାରୀ କାର୍ଯ୍ୟରେ ଟେଲିଫୋନରେ କ'ଣ କାହାକୁ ନିର୍ଦ୍ଦେଶ ଦିଆଯାଏ। ଏହା ସତ ନା ଏହା ପଛରେ ଆଉ କ'ଣ କାରଣ ରହିଛି ତାହାର ଉଚ୍ଚସ୍ତରୀୟ ତଦନ୍ତ ଆବଶ୍ୟକ ବୋଲି ଜିଲାର ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ଗତ ୨୬ତାରିଖରେ ପିଡିଏସ୍ ଟେଣ୍ଡରରେ ନିର୍ଦ୍ଦିଷ୍ଟ ଟ୍ରାନ୍ସପୋର୍ଟକୁ ଅନୁକମ୍ପା ସମ୍ପର୍କିତ ଏକ ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା। ଏଥିରେ ସରକାରୀ ନିୟମକୁ ଉଲ୍ଲଂଘନ କରାଯାଇ ଜିଲାର ଏକ ନିର୍ଦ୍ଦିଷ୍ଟ ଟ୍ରାନ୍ସପୋର୍ଟକୁ ଅନୁକମ୍ପା ପ୍ରଦର୍ଶନ କରାଯାଉଛି। ସିଙ୍ଗଲ ଟେଣ୍ଡର ବାତିଲ କରିବାକୁ ନିୟମ ରହିଥିବା ବେଳେ ଜିଲା ପ୍ରଶାସନ ଏବଂ ଯୋଗାଣ ବିଭାଗ ସବୁ ନିୟମକୁ ପଛରେ ପକାଇ ସମ୍ପୃକ୍ତ ଟ୍ରାନ୍ସପୋର୍ଟକୁ ପିଡିଏସ୍(ସାଧାରଣ ବଣ୍ଟନ ବ୍ୟବସ୍ଥା) ଚାଉଳ ବଣ୍ଟନ ପାଇଁ ଟେଣ୍ଡର ପ୍ରଦାନ କରୁଛି। ଚଳିତ ବର୍ଷ ପିଡିଏସ୍ ଚାଉଳ ବଣ୍ଟନ ପାଇଁ ପୁଣି ସେହି ଟ୍ରାନ୍ସପୋର୍ଟକୁ ଏହା ଦେବା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଏହି ଅନିୟମିତତାକୁ ନେଇ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବଙ୍କ ପାଖରେ ଲିଖିତ ଅଭିଯୋଗ କରାଯାଇଥିବା ଏବଂ ଉଭୟ ଲେଭଲ-୧ ଏବଂ ଲେଭଲ-୨ରେ ଏହି ଅନିୟମିତତା କରାଯାଇଛି ବୋଲି ଉଲ୍ଲେଖ ଥିଲା। ଶନିବାର ଯୋଗାଣ ବିଭାଗ ତରବରିଆ ଭାବେ ସିଙ୍ଗଲ ଟେଣ୍ଡର ହୋଇଥିବା ଲେଭଲ-୨ ଟ୍ରାନ୍ସପୋର୍ଟ ପାଇଁ ପୁଣି ଥରେ ଟେଣ୍ଡର ଆହ୍ୱାନ କରିଛି।

## ମହିଳାଙ୍କ ଆତ୍ମହତ୍ୟା

**ଦିଗପହଣ୍ଡି,୨୯।୬(ଡି.ଏନ.ଏ.)**

ଦିଗପହଣ୍ଡି ଥାନା ଫାସିଗୁଡା ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ପାରିବାରିକ କଳହକୁ କେନ୍ଦ୍ରକରି ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଉକ୍ତ ଗ୍ରାମର ଲିଲି ନାୟକ। ଲିଲି ଓ ତାଙ୍କ ସ୍ୱାମୀଙ୍କ ମଧ୍ୟରେ ଶୁକ୍ରବାର ରତିରେ କୌଣସି ଏକ କାରଣକୁ ନେଇ ପାଟିତୁଣ୍ଡ ହୋଇଥିଲା। ପରେ ପରିବାରର ସମସ୍ତେ ଶୋଇପଡିବା ପରେ ଲିଲି ମାନସିକ ଭାରସାମ୍ୟ ହରାଇ ଘରେ ଥିବା କୀଟନାଶକ ପିଇ ଦେଇଥିଲେ। ଭୋର ପ୍ରାୟ ୩ଟାରେ ସେ ଚିତ୍କାର କରିବାରୁ ପରିବାର ଲୋକେ ତାଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲେ ମଧ୍ୟ ସେଠାରେ ମୃତ୍ୟୁ ଘଟିଥିଲା। ଶନିବାର ଅପରାହ୍ନରେ ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରାଇବାପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ମାଡ଼ ମାରିବା, ମିଥ୍ୟା ମାମଲାରେ ଗିରଫ ଅଭିଯୋଗ

# ଛତ୍ରପୁର ଆସି ଅତିରିକ୍ତ ଏସ୍‌ପିଙ୍କୁ ଭେଟିଲେ ଆଦିବାସୀ

**ଛତ୍ରପୁର,୨୯।୬(ଡି.ଏନ.ଏ.)**

ଭଞ୍ଜନଗର ପୋଲିସ ମାଡ ମାରିବା ସହ ମିଥ୍ୟା ମାମଲାରେ ଗିରଫ କରିବାକୁ ନେଇ ଆଦିବାସୀମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏହାର ପ୍ରତିବାଦ କରିବା ସହ ନ୍ୟାୟ ଦାବିରେ ଶନିବାର ଛତ୍ରପୁରଠାରେ ଶତାଧିକ ଆଦିବାସୀ ମହିଳା ଓ ପୁରୁଷ ମେଳି ବାନ୍ଧିଥିଲେ। ଏପରିକି ଏଠାରେ ରୋଷେଇ କରି ଖାଇଥିଲେ। ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରୁ ଏକ ରାଲିରେ ବାହାରି ଗଞ୍ଜାମ ଏସ୍‌ପିଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ଏସ୍‌ପିଙ୍କ ଅନୁପସ୍ଥିତିରେ ଅତିରିକ୍ତ ଏସ୍‌ପି ପତିତପାବନ ଚୌଧୁରୀଙ୍କୁ ଆଦିବାସୀଙ୍କ ଏକ ପ୍ରତିନିଧି ଦଳ ତାଙ୍କ ପ୍ରକୋଷ୍ଠରେ ଭେଟି ଏସମ୍ପର୍କରେ ଦୃଷ୍ଟିଆକର୍ଷଣ କରିବା ସହ ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ପୀଡିତ ଓ ଅନ୍ୟମାନଙ୍କ ବୟାନ ରେକର୍ଡ କରିବା ସହ ଉଚ୍ଚ ପଦସ୍ଥ ଅଫିସରଙ୍କ ଦ୍ୱାରା ଏହାର ତଦନ୍ତ କରାଯିବ ଏବଂ ଯିଏ ଦୋଷୀ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଏସ୍‌ପିଙ୍କ ପକ୍ଷରୁ ପ୍ରତିନିଧି ଦଳକୁ ପ୍ରତିଶ୍ରୁତି ଦିଆଯାଇଥିଲା। ୧୩ ତାରିଖ ସନ୍ଧ୍ୟାରେ ଭଞ୍ଜନଗର ପୋଲିସ କସାକେନ୍ଦୁପଲ୍ଲୀ ଗାଁରେ ଚୋରା ମଦ ରନ୍ଧା ହେଉଛି କହି ଘର ଘର ଯାଞ୍ଚ କରିଥିଲେ।




ଗଞ୍ଜାମ ଏସ୍‌ପିଙ୍କ କାର୍ଯ୍ୟାଳୟ ଆଗରେ ଆଦିବାସୀମାନେ ବସି ରହିଛନ୍ତି।

#### ବରିଷ୍ଠ ଅଫିସର କରିବେ ତଦନ୍ତ

ତେବେ କାହା ଘରୁ ମଦ କିମ୍ବା ମଦ ରନ୍ଧା ସାମଗ୍ରୀ ମିଳି ନ ଥିଲା ବୋଲି ଏମାନେ କହିଛନ୍ତି। ପରେ ଗାଁର ଅପସରି ମଲିକ, କାହ୍ନୁ ମଲିକ, ଭଗବାନ ମଲିକ, ହରିବନ୍ଧୁ ମଲିକ ଓ ଦିବାକର ମଲିକଙ୍କୁ ପୋଲିସ ଅଯଥାରେ ମାଡ ମାରିଥିବା ଅଭିଯୋଗ କରିଛନ୍ତି। ଏଥିସହ ଆକ୍ରୋଶମୂଳକ ଭାବେ କାହ୍ନୁ ଓ ହରିବନ୍ଧୁଙ୍କୁ ଜେଲ ପଠାଯାଇଥିଲା ବୋଲି ଏମାନେ କହିଛନ୍ତି। ଏହି ମାମଲାରେ ନ୍ୟାୟ ଦେବା ସହ ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଏମାନେ ଦାବି କରିଛନ୍ତି।

### ସ୍କୁଲ ଯିବା ସମୟରେ ପଥର ଗାଡି ଯାତାୟାତକୁ ବିରୋଧ

# ପ୍ରତିବାଦରେ ଅଭିଭାବକଙ୍କ ରାସ୍ତାରୋକୋ

**ଛତ୍ରପୁର,୨୯।୬(ଡି.ଏନ.ଏ.)**

ଗୋପାଳପୁର ପୋର୍ଟକୁ ଛତ୍ରପୁର ବ୍ଲକ ଅଧୀନ ଆଇଆରଇ କଲୋନୀ ରାସ୍ତା ଦେଇ ଦୈନିକ ପଥର ବୋଝେଇ ଟ୍ରକ ଯାଇଥାଏ। ତେବେ ସ୍କୁଲ ଯିବା ଆସିବା ସମୟରେ ଉକ୍ତ ରାସ୍ତା ଦେଇ ପଥର ବୋଝେଇ ଟ୍ରକ ଯାଉଥିବାରୁ ଛାତ୍ରୀଛାତ୍ର ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏହାର ସ୍ଥାୟୀ ସମାଧାନ ଦାବିରେ ଶନିବାର ସକାଳ ୭ ଟାରୁ ୯ଟା ପର୍ଯ୍ୟନ୍ତ ଅଭିବାକ ମାନେ ରାସ୍ତା ଅବରୋଧ କରିଥିଲେ। ଚମାଖଣ୍ଡି ଥାନା ଆଇଆଇସି ସହଦେବ ମହାପାତ୍ର ପହଞ୍ଚି ଏନେଇ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଅବରୋଧ ହଟିଥିଲା। ପ୍ରକାଶଯୋଗ୍ୟ, ପୂର୍ବରୁ ସ୍କୁଲକୁ ଯିବା ଓ ଫେରିବା ସମୟରେ ଗୋପାଳପୁର ପୋର୍ଟକୁ ଯାଉଥିବା ପଥର ବୋଝେଇ ଗାଡି ବନ୍ଦ ରହିବ ବୋଲି ଏକ ଆଲୋଚନା ବୈଠକରେ ନିଷ୍ପତି ହୋଇଥିଲା। ମାତ୍ର ପୁଣି ପଥର ବୋଝେଇ ଗାଡି ଛାତ୍ରୀଛାତ୍ରମାନେ ସ୍କୁଲ ଯିବା ସମସୟରେ ଉକ୍ତ ରାସ୍ତା ଦେଇ ଯାତାୟାତ କରୁଛି।




ଗାଡିଗୁଡିକ ଅଟକି ରହିଛି।

### ଓକିଲ ସଂଘର କାର୍ଯ୍ୟ ବନ୍ଦ ଆନ୍ଦୋଳନ

# ବ୍ରହ୍ମପୁର ଭାୟା ଭଞ୍ଜନଗର ଫୁଲବାଣୀ ରେଳ ଲାଇନ ଦାବି

**ଭଞ୍ଜନଗର,୨୯।୬(ଡି.ଏନ୍.ଏ.)**

ଭଞ୍ଜନଗର ଓକିଲ ସଂଘ ପକ୍ଷରୁ ଆଜକୁ ୧୦ ବର୍ଷରୁ ଉର୍ଦ୍ଧ୍ୱ ହେବ ପ୍ରତ୍ୟେକ ମାସର ଶେଷ ଦୁଇ କାର୍ଯ୍ୟ ଦିବସ ଦିନ ବ୍ରହ୍ମପୁର ଠାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ଏବଂ ଘୁମୁସର ଜିଲା ଘୋଷଣା ଦାବିରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଉଥିଲା। ଚଳିତଥର ଉକ୍ତ ଦୁଇ ଦାବି ସହ ଆଉ କିଛି ଦାବି ଯୋଡାଯାଇ ଶନିବାର ଆନ୍ଦୋଳନ କରାଯାଇଛି। ସେଥିମଧ୍ୟରେ ପ୍ରମୁଖ ଦାବି ହେଉଛି ବ୍ରହ୍ମପୁର ଭାୟା ଭଞ୍ଜନଗର ଫୁଲବାଣୀ ରେଳ ଲାଇନ। ବାର ଆସୋସିଏଶନ କର୍ମକର୍ତ୍ତାମାନେ ଶନିବାର କୋର୍ଟ ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ସ୍ଲୋଗାନ ଦେଇଥିଲେ। ଆନ୍ଦୋଳନର ନେତୃତ୍ୱ ବାର ଆସୋସିଏଶନ ସଭାପତି ଅଭିମନ୍ୟୁ ଗୌଡ, ସମ୍ପାଦକ ଅଶୋକ କୁମାର ଜେନା, ଧବଳେଶ୍ୱର ମାଝୀ, ମଣି ଦୀକ୍ଷିତ, ଖରାଂଶୁ ଶେଖର ଦାସ, ବିଷ୍ଣୁ ପ୍ରସାଦ ପ୍ରଧାନ, ଅଶୋକ ଗୌଡ, ବସନ୍ତ ଦାସ, ରାମକୃଷ୍ଣ ଦାସ ପ୍ରମୁଖ ନେଉଛନ୍ତି। ଅପରପକ୍ଷେ ସଭାପତି ଗୌଡ ଏଠାରେ ସୂଚନା ଦେଇଛନ୍ତି ଯେ, ଆନ୍ଦୋଳନକୁ ଜୋରଦାର କରିବା ପାଇଁ ଆଗାମୀ ଦିନରେ ମିଳିତ କମିଟି ଗଠନ କରାଯିବ। ସେଥିରେ ସହରର ବିଭିନ୍ନ ସଙ୍ଗଠନ ସାମିଲ ହେବେ। ଏହାପରେ କମିଟି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ପ୍ରତିନିଧିଙ୍କୁ ଭେଟି ଦାବି ଉପସ୍ଥାପନ କରିବ। ଦାବିଗୁଡିକ ପ୍ରତି ସାଧାରଣଜନତାଙ୍କ ସମର୍ଥନ ବଢୁଛି ବୋଲି ସଭାପତି ଗୌଡ ସୂଚନା ଦେଇଛନ୍ତି।




ବାର୍ ଆସୋସିଏଶନ କର୍ମକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

### ଜାଲ୍ ପ୍ରମାଣପତ୍ର ଦେଇ ନିଯୁକ୍ତି ପ୍ରସଙ୍ଗ

# ଯାଞ୍ଚ ହେବ ଜୁନିୟର, ରେଗୁଲାର ଶିକ୍ଷକଙ୍କ ପ୍ରମାଣପତ୍ର

- ୩ ମାସ ମଧ୍ୟରେ ପ୍ରକ୍ରିୟା ସରିବ
- ଡିଇଓ, ଡିପିସିଙ୍କୁ ଆସିଲା ନିର୍ଦ୍ଦେଶ

**ଛତ୍ରପୁର,୨୯।୬(ଡି.ଏନ.ଏ.)**

ଜାଲ ଶିକ୍ଷାଗତ ଓ ତାଲିମ ପ୍ରମାଣପତ୍ର ଦେଇ କେତେଜଣ ଶିକ୍ଷକ ପଦବୀରେ ନିଯୁକ୍ତି ପାଇଥିବା ଅଭିଯୋଗ ହୋଇଆସୁଛି। ଏଥିପାଇଁ ସମସ୍ତ ଜୁନିୟର ଓ ରେଗୁଲାର ଶିକ୍ଷକଙ୍କ ଶିକ୍ଷାଗତ ପ୍ରମାଣପତ୍ର ଯାଞ୍ଚ ହେବ। ଏ ନେଇ ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ପି କେ ମହାପାତ୍ରଙ୍କ ଠାରୁ ୨୭ ତାରିଖରେ ଗଞ୍ଜାମ ଜିଲା ଶିକ୍ଷା ଅଧିକାରୀ, ସର୍ବଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକ (ଡିପିସି)ଙ୍କୁ ଏକ ନିର୍ଦ୍ଦେଶନାମା (ନଂ-୧୩୨୧୬) ଆସିଛି। କେତେକ ଶିକ୍ଷା ସହାୟକ ଜାଲ ପ୍ରମାଣପତ୍ର ଦେଇ ନିଯୁକ୍ତି ପାଇବା ପରେ ଏବେ ସେଥିରୁ କେତେକ ଜୁନିୟର ଶିକ୍ଷକ ଓ ପରେ ରେଗୁଲାଇ ଜୁନିୟର ଶିକ୍ଷକ ହୋଇଛନ୍ତି। ଏନେଇ ସ୍କୁଲ ଓ ଗଣଶିକ୍ଷା ବିଭାଗ ନିକଟରେ ଅଭିଯୋଗ ହୋଇଆସୁଥିଲା। ଏହାକୁ ବିଭାଗ ଗୁରୁତ୍ୱର ସହ ନେଇ ସମସ୍ତ ଜୁନିୟର ଶିକ୍ଷକ ଓ ରେଗୁଲାର ଜୁନିୟର ଶିକ୍ଷକଙ୍କ ପ୍ରମାଣପତ୍ର ଯାଞ୍ଚ କରିବାକୁ ଏକ ସ୍ପେଶାଲ ଡ୍ରାଇଭ ଆରମ୍ଭ କରିବାକୁ ଉକ୍ତ ଚିଠିରେ କୁହାଯାଇଛି। ୨୦୧୧ ଜାନୁୟାରୀ ୧ରୁ ଏପର୍ଯ୍ୟନ୍ତ ନିଯୁକ୍ତି ପାଇଥିବା ସମସ୍ତ ଜୁନିୟର ଶିକ୍ଷକଙ୍କର ପ୍ରମାଣପତ୍ର ସର୍ବଶିକ୍ଷା ଅଭିଯାନର ଡିପିସି ଯାଞ୍ଚ କରିବେ। ସେହିପରି ରେଗୁଲାଇ ଜୁନିୟର ଶିକ୍ଷକଙ୍କ ପ୍ରମାଣପତ୍ର ବିଇଓ ଯାଞ୍ଚ କରିବାକୁ ବିଭାଗୀୟ ପ୍ରମୁଖ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏହିସବୁ କାର୍ଯ୍ୟର ମନିଟରିଂ ପାଇଁ ରାଜ୍ୟ ସ୍ତରରେ ଏକ କମିଟି ମଧ୍ୟ ଗଠନ ହୋଇଛି। ଯାଞ୍ଚ ବେଳେ କାହାର ଯଦି ପ୍ରମାଣପତ୍ର ଜାଲ୍ ବୋଲି ଜଣାପଡେ ତେବେ ତୁରନ୍ତ ତାଙ୍କ ନାଁରେ ଥାନାରେ ଏତଲା ଦିଆଯିବା ସହ ଚାକିରୀରୁ ବରଖାସ୍ତ କରିବାକୁ କୁହାଯାଇଛି। ଏଥିରେ ଅବହେଳା କଲେ ଯାଞ୍ଚ ପାଇଁ ନିଯୁକ୍ତ ଅଧିକାରୀଙ୍କ ବିରୋଧରେ ମଧ୍ୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗୀୟ ପ୍ରମୁଖ ଶାସନ ସଚିବ ସତର୍କକରାଇଦେଇଛନ୍ତି। ଏହି ଯାଞ୍ଚ ପ୍ରକ୍ରିୟା ୩ ମାସ ମଧ୍ୟରେ ଅର୍ଥାତ୍ ସେପ୍ଟେମ୍ବର ୩୦ ସୁଦ୍ଧା ସରିବ।




2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ